# ପୂର୍ଣ୍ଣାଙ୍ଗ ଶିକ୍ଷାର ଆଭିମୁଖ୍ୟ

* ଶିକ୍ଷାର ଲକ୍ଷ୍ୟ
* ଶିକ୍ଷକର ଭୂମିକା
* ଶିକ୍ଷଣର ଶୈଳୀ
* ଛାତ୍ରର ମନୋଭୂମି

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଲେଖାରୁ ସଙ୍କଳିତ ।

ଅନୁବାଦ : ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ସେପ୍ଟେମ୍ବର, ୧୯୭୫

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printed at Navajyoti Press, Sri Aurobindo Ashram,
Pondicherry-605002

# ଶିକ୍ଷାର ଲକ୍ଷ୍ୟ

(୧) ଆମେ ଆମ ପରିବାର ସକାଶେ ପାଠ ପଢ଼ୁ ନାହୁଁ, କୌଣସି ଏକ ଉଚ୍ଚ ପଦ ପାଇବା ଲଗି ପଢ଼ୁ ନାହୁଁ, ପଇସା କମାଇବାକୁ ପଢ଼ୁ ନାହୁଁ ବା କୌଣସି ପ୍ରମାଣପତ୍ର ପାଇବା ଲଗି ମଧ୍ୟ ପଢ଼ୁ ନାହୁଁ । ଆମେ ଶିଖିବା ଲଗି ପାଠ ପଢ଼ୁଛୁ, ଜାଣିବା ଲଗି ପଢ଼ୁଛୁ, ପୃଥିବୀକୁ ବୁଝିବା ଲଗି ପଢ଼ୁଛୁ ଏବଂ ଅଧ୍ୟୟନ ଆମକୁ ଆଣି ଦେଉଥିବା ଆନନ୍ଦ ଲଗି ପଢ଼ୁଛୁ ।

(୨)···ଯେକୌଣସି ପ୍ରକୃତ ଏବଂ ଜୀବନ୍ତ ଶିକ୍ଷାରେ ଆମକୁ ତିନୋଟି କଥାକୁ ଦୃଷ୍ଟି ଆଗରେ ରଖିବାକୁ ହେବ : ପ୍ରଥମଟି ହେଉଛି ମନୁଷ୍ୟବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ ସହିତ ତା'ର ସଦୃଶତା ଓ ଅନ୍ୟମାନଙ୍କଠାରୁ ତା'ର ଅନନ୍ୟତା, ଦ୍ୱିତୀୟଟି ହେଉଛି ଦେଶ ବା ଜାତି ଏବଂ ତୃତୀୟଟି ହେଉଛି ବିଶ୍ୱାୟତନ ମାନବସମାଜ । ଏଥିରୁ ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ ଜଣେ ମନୁଷ୍ୟବ୍ୟକ୍ତି ଭିତରେ ଯାହାକିଛି ଅନ୍ତର୍ନିହିତ ହୋଇ ରହିଛି, ଯେଉଁ ଶିକ୍ଷା ତାହାକୁ ପ୍ରକୃଷ୍ଟତମ ବ୍ୟବହାରରେ ଲଗାଇପାରେ, ମନୁଷ୍ୟ-ଜୀବନର ପରିପୂର୍ଣ୍ଣ ଉଦ୍ଦେଶ୍ୟ ଓ ପରିସରଟି ସକାଶେ ସେସବୁକୁ ଯଥୋଚିତ ଭାବରେ ପ୍ରସ୍ତୁତ କରିପାରେ ଏବଂ ଯେଉଁ ଶିକ୍ଷା ତାହା କରିବା ସଙ୍ଗେ ସଙ୍ଗେ ସେହି ମନୁଷ୍ୟବ୍ୟକ୍ତିକୁ ତା'ର ସମୂହଟିର ଜୀବନ, ମାନସ ଏବଂ ଆତ୍ମାଟି ସହିତ ଯଥୋଚିତ ସମ୍ବନ୍ଧରେ ଯୁକ୍ତ ହୋଇ ରହିବାରେ ସହାୟତା କରେ ଏବଂ ଯେଉଁ ମାନବସମାଜ ମଧ୍ୟରେ ସିଏ ନିଜେ ଜଣେ ହୋଇ ରହିଛି ଓ

ଯେଉଁଥିରେ ତା'ର ଦେଶ ବା ଜାତିଟି ଏକ ଜୀବନ୍ତ, ସ୍ୱତନ୍ତ୍ର ତଥାପି ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି, ସେହି ମନୁଷ୍ୟଜାତିର ବୃହତ୍ ଓ ସମଗ୍ର ଜୀବନ, ମାନସ ତଥା ଆତ୍ମାଟି ସହିତ ଯଥୋଚିତ ସମ୍ବନ୍ଧରେ ଯୁକ୍ତ ହୋଇ ରହିବାରେ ମଧ୍ୟ ସହାୟତା କରେ, କେବଳ ସେହି ଶିକ୍ଷାକୁହିଁ ଏକ ଯଥାର୍ଥ ଏବଂ ଜୀବନ୍ତ ଶିକ୍ଷା ବୋଲି କୁହାଯାଇ ପାରିବ ।…

(୩)…ଏହି ଶିକ୍ଷା ବ୍ୟକ୍ତି ଲାଗି ତା'ର ଆତ୍ମା ଏବଂ ଯାବତୀୟ ଶକ୍ତି ତଥା ସମ୍ଭାବନାଗୁଡ଼ିକର ବିକାଶକୁହିଁ ଆପଣାର ଏକମାତ୍ର ଓ ସର୍ବପ୍ରଧାନ ଲକ୍ଷ୍ୟ କରି ରଖିଥିବ; ଜାତିର କ୍ଷେତ୍ରରେ ଜାତି-ଆତ୍ମା ତଥା ତାହାର ଧର୍ମର ସଂରକ୍ଷଣ, ସଂବଳନ ଏବଂ ସମୃଦ୍ଧିସାଧନହିଁ ତାହାର ସର୍ବପ୍ରଧାନ ଦୃଷ୍ଟିକେନ୍ଦ୍ର ହୋଇ ରହିଥିବ ଏବଂ ବ୍ୟକ୍ତି ଓ ଜାତି ଉଭୟଙ୍କୁ ସମଗ୍ର ମନୁଷ୍ୟସମାଜର ପ୍ରାଣ, ଉତ୍ତରଣରତ ମନ ତଥା ଆତ୍ମାର ବିବିଧ ଶକ୍ତିମନ୍ତ୍ରଗୁଡ଼ିକ ମଧ୍ୟକୁ ଉଦ୍ବେଳିତ କରିନେଇ ପାରୁଥିବ । ଏବଂ କୌଣସି ସମୟରେ ମଧ୍ୟ ତାହା ମନୁଷ୍ୟର ସେହି ସର୍ବୋଚ୍ଚ ଲକ୍ଷ୍ୟ, ଅର୍ଥାତ୍ ତା'ର ଆଧ୍ୟାତ୍ମିକ ସତ୍ତାଟିର ଉଜ୍ଜୀବନ ତଥା ବିକାଶକୁ ଦୃଷ୍ଟିଅନ୍ତରାଳ କରି ରଖିଦେବ ନାହିଁ ।…

(୪)…ପିଲାକୁ ଜୀବନ ଲାଗି, କର୍ମ ଲାଗି ଓ ଜ୍ଞାନ ଲାଗି ଆଗ୍ରହୀ କରାଇବା ହେଉଛି ପ୍ରଥମ କାର୍ଯ୍ୟ, ଯଥାସମ୍ଭବ ଅଧିକ ସମ୍ୟକ୍ ଭାବରେ ତା'ର ଜ୍ଞାନସାଧନଗୁଡ଼ିକୁ ବିକଶିତ କରାଇ ଆଣିବା ଏବଂ ତାକୁ ଯେଉଁ ମାଧ୍ୟମଟିକୁ ବ୍ୟବହାର କରିବାକୁ ପଡ଼ିବ, ସେଇଟିରେ ତାହାକୁ ଦଖଲ ଆଣିଦେବା ହେଉଛି ପ୍ରଥମ କାର୍ଯ୍ୟ । ତା'ପରେ ସିଏ ଯେପରି ସତ୍ୱରତାର ସହିତ ସବୁ କଥା ଶିଖିବାକୁ ଆରମ୍ଭ କରିବ, ତାହା, ନିୟମିତ ଅଧ୍ୟୟନ ଆରମ୍ଭ କରିବାରେ ତାହାର ଯେଉଁ ବିଳମ୍ବ ଘଟିଥିବ, ସେଇଟିର ଅବଶ୍ୟ କ୍ଷତିପୂରଣ କରିଦେବ । ଏବଂ ଏକଥାଟି ମଧ୍ୟ ନିଶ୍ଚୟ ଦୃଷ୍ଟିଗୋଚର ହୋଇଯିବ ଯେ ବର୍ତ୍ତମାନ ଯେପରି ସେ ଅଳ୍ପ କେତୋଟି କଥାକୁ ବଡ଼ ଅକୁଶଳ ଭାବରେ ଶିକ୍ଷା କରୁଛି,

ସେତେବେଳେ ସେ ଅନ୍ଧ ସେପରି ନକରି ଏକାବେଳକେ ଅନେକ କଥାକୁ ସମ୍ୟକ୍ ଓ ଭଲ ଭାବରେ ନିଶ୍ଚୟ ଶିଖି ପାରିବ ।···

(୫)···ମୌଳିକ ଭାବରେ କହିବାକୁ ଗଲେ ବର୍ତ୍ତମାନ ପରମ ଅଧ୍ୟବସାୟର ହିଁତ କେବଳ ଗୋଟିଏ କଥା କରିବାକୁ ପଡ଼ିବ : ସେମାନେ ଯେପରି ଆପଣାକୁ ଜାଣିବେ, ଆପଣାର ନିସ୍ପତ୍ତିଟିକୁ ଆପେ ବାଛିନେଇ ପାରିବେ ଅର୍ଥାତ୍ ଆପଣାର ଅଭିଳଷିତ ମାର୍ଗଟିକୁ ବାଛିନେଇ ପାରିବେ, ସେମାନଙ୍କୁ ସେହି କଥାଟିକୁ ଶିଖାଇବାକୁ ପଡ଼ିବ । ଆମେ ସେମାନଙ୍କୁ ଆପଣା ଆଡ଼କୁ ଅବଲୋକନ କରି ଶିଖାଇବା, ଆପଣାକୁ ବୁଝି ଶିଖାଇବା ଏବଂ ଆପଣା ଉପରେ ନିର୍ଭର କରିହିଁ କର୍ମରେ ପ୍ରବୃତ୍ତ ହେବାକୁ ଶିଖାଇବା । ଏକଦା ପୃଥିବୀରେ କେଉଁଠି କ'ଣ ଗୋଟାଏ ଘଟିଥିଲା ବା ଏପରିକି, ଏହି ପୃଥିବୀ କିପରି ତିଆରି ହେଲା ପ୍ରଭୃତି ପଢ଼ାଇବା ଅପେକ୍ଷା ଏଇଟିକୁ ଆମେ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣି ରଖିବା ।···

(୬)···ଜୀବନଧାରା ଯେଉଁ ସତ୍ତ୍ୱ ଆପଣାକୁ ଜାଣି ଶିଖିଛି ଓ ନିଜକୁ ନିଜର ଅଧିକାରରେ ରଖି ଶିଖିଛି, ସେହି ସତ୍ତ୍ୱ ପ୍ରକୃତରେ ଏକ ଅମୂଲ୍ୟ ସମ୍ପଦର ଅଧିକାରୀ ହୋଇଛି ବୋଲି ଆମେ ନିଶ୍ଚୟ କହିବା । ଆପଣାକୁ ଜାଣିବାର ଅର୍ଥ ହେଉଛି ଆପଣାର ଯାବତୀୟ କ୍ରିୟା ଓ ପ୍ରତିକ୍ରିୟାଗୁଡ଼ିକର ପଛରେ ନିହିତ ହୋଇ ରହିଥିବା ଅଭିପ୍ରାୟଗୁଡ଼ିକୁ ଜାଣିବା, ଆପଣା ଭିତରେ ଯାହାକିଛି ଘଟୁଛି, ତାହାର କାହିଁକି ଓ କିପରିଟିକୁ ଜାଣିବା । ନିଜକୁ ନିଜର ଅଧିକାରରେ ରଖିପାରିବା ହେଉଛି ଆମେ ଯାହା କରିବା ଲାଗି ନିଷ୍ପତ୍ତି କରିଛୁ, ସେହି କାର୍ଯ୍ୟଟିକୁ କରିବା, କେବଳ ସେଇଟିକୁହିଁ କରିବା, କ୍ଷଣକୁ କ୍ଷଣ ଆମ ଭିତରେ ଆସି ଦେଖା ଦେଉଥିବା ଆବେଗ, ବାସନା ଅଥବା ଖିଆଲଗୁଡ଼ିକର କଥାକୁ ଆଦୌ ନଶୁଣିବା ବା ସେଗୁଡ଼ିକର ବୋଲି ମାନି ଆଦୌ କାର୍ଯ୍ୟ ନକରିବା ।

(୭)···ଜାଣିବା ଲାଗି ଶିକ୍ଷା କରିବା, ପ୍ରକୃତି ଏବଂ ଜୀବନର ଗୋପନ ରହସ୍ୟଗୁଡ଼ିକ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ଅଧ୍ୟୟନ କରିବା, ଆପଣାର ଚେତନାରେ ଅଭିବୃଦ୍ଧି ଘଟାଇବା ଲାଗି ଆପଣାକୁ ଶିକ୍ଷିତ କରାଇବା, ଆପଣା ଉପରେ ପ୍ରଭୁତ୍ୱଲାଭ କରିବା ଲାଗି, ଆପଣାର ଦୁର୍ବଳତା, ଅସମର୍ଥତା ଓ ଅଜ୍ଞାନକୁ ଜୟ କରିବା ଲାଗି ଆପଣାକୁ କୌଣସି ଶୃଙ୍ଖଳା ମଧ୍ୟରେ ଆଣି ପକାଇବା, ଏକ ଅଧିକ ମହତ୍ତ୍ୱ ଓ ଅଧିକ ବ୍ୟାପକ, ଅଧିକ ଉଦାର ଓ ଅଧିକ ସତ୍ୟ ଲକ୍ଷ୍ୟ ଅଭିମୁଖରେ ଜୀବନରେ ଗତି କରିପାରିବା ସକାଶେ ଆପଣାକୁ ପ୍ରସ୍ତୁତ କରିବା,—ସେମାନେ ଏହି କଥାଟି ବିଷୟରେ କ୍ୱଚିତ୍ କିଛି ଚିନ୍ତା କରନ୍ତି ଏବଂ ସେଗୁଡ଼ାକୁ କେବଳ ସୁଦୂର କଳ୍ପନା ବୋଲିହିଁ ବିଚାର କରନ୍ତି । ସବୁବେଳେ ବ୍ୟାବହାରିକ ବୁଦ୍ଧିସମ୍ପନ୍ନ ହେବାକୁ ଏବଂ ଅଧିକ ପଇସା କଉଡ଼ି ଅର୍ଜନ କରିବାକୁ ହୁଏ, କେବଳ ସେହି କଥାଟିକୁ ଶିଖିବାକୁହିଁ ସେମାନେ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ ବୋଲି ଜାଣିଥାନ୍ତି ।

(୮)···ବସ୍ତୁତଃ, ଶିକ୍ଷାର କ୍ଷେତ୍ରରେ ଆମକୁ ସର୍ବଦା ଦୁଇଟି ଯାକ ସମାନ୍ତର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ । ଗୋଟିଏ ପ୍ରବୃତ୍ତି ହେଉଛି, ଯାହାକିଛି ଆମର ମନରେ ବିସ୍ମୟ ଆଣିଦିଏ, ତାହାର ଲାଗି ଏକ ତୃଷା; ଯାହାକିଛି ଅନୁପଲଭ୍ୟ ଓ ଅପହଞ୍ଚ ବୋଲି ମନେହୁଏ, ଯାହାକିଛି ଆମକୁ ଦିବ୍ୟତାର ଏକ ଅନୁଭୂତି ଦ୍ୱାରା ପୂର୍ଣ୍ଣ କରିଦିଏ, ତାହାର ଲାଗି ତୃଷା । ଏବଂ ତାହା ସଙ୍ଗେ ସଙ୍ଗେ ଆମେ ଯେତେବେଳେ ଆମ ବାସ୍ତବ ପୃଥିବୀଟି ଉପରେ ଦୃଷ୍ଟିପାତ କରୁଥିବା, ସେତେବେଳେ ଆମେ ନିଷ୍ଠାପୂର୍ଣ୍ଣ ନିର୍ଭୁଲ, ପ୍ରକୃତ ଏବଂ ଯଥାର୍ଥ ଅବଲୋକନ ଉପରେହିଁ ସର୍ବଦା ଜୋର୍ ଦେଉଥିବା, ଯାବତୀୟ କପୋଳକଳ୍ପନାର ନିରାକରଣ ଉପରେ ଜୋର୍ ଦେଉଥିବା, ସତତ ନିୟନ୍ତ୍ରଣ ଉପରେ ଜୋର୍ ଦେଉଥିବା ଏବଂ ଠିକଣାଣି ଯାବତୀୟ ବିଷୟକୁ ଯଥାର୍ଥ ଭାବରେ ଜାଣିବା ଲାଗି ଏକ ଅତ୍ୟନ୍ତ ସତର୍କ ଓ ସଚେତନ ଆଗ୍ରହ ଉପରେ ମଧ୍ୟ ଜୋର୍ ଦେଉଥିବା । ଏହି ଦୁଇଟିଯାକ କଥାକୁ ପରସ୍ପରର ସମାନ୍ତର ହୋଇ ଗତି କରିବାକୁ ହେବ ।

(୯)…ପିଲାମାନଙ୍କୁ କୌଣସି 'ବିଷୟ'ସବୁ ପଢ଼ାହେବ, ଶିକ୍ଷାରେ କେବଳ ସେହିସବୁ କଥା ବିଚାର ହେବ ନାହିଁ । ଯଥାର୍ଥ ଆକାଙ୍‌କ୍ଷା, ଅଭିରୁଚି ଲାଗି ଆବଶ୍ୟକତାର ବୋଧ, ସ୍ୱତନ୍ତ୍ରତାର ଅନୁଭବ, ନିଜେ ନିଜକୁ ଶିକ୍ଷା ଦେବାର ସମ୍ଭାବନା, ନିଜେ କୌଣସି କିଛି ପ୍ରୟୋଗ କରି ଦେଖିବାର ଆଗ୍ରହ, ଆମର ଅନ୍ତର୍ଜୀବନସ୍ତରରେ ପ୍ରକୃତରେ କି କି ଆବଶ୍ୟକତାମାନ ରହିଛି ଓ ଆମ ଶିକ୍ଷାର କାର୍ଯ୍ୟକ୍ରମଟି ସହିତ ସେଗୁଡ଼ିକର ପ୍ରକୃତରେ କିଭଳି ସମ୍ବନ୍ଧ ରହିଛି, ତାହାର ଆବିଷ୍କାର କରିବା, ଏବଂ ଜୀବନର ଅସଲ ଲକ୍ଷ୍ୟଟି କ'ଣ ଓ ଜୀବନକୁ ବଞ୍ଚିବାର ଅସଲ କଳାଟି କ'ଣ, ଏସବୁ ହେଉଛି ତାହାଠାରୁ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ; ଏବଂ ଆମେ ଯେଉଁପରି ଭାବରେ ଶିକ୍ଷାର ସଂଗଠନ କରିବାକୁ ଯିବା, ସେଥିରୁ ଏଗୁଡ଼ିକ ଅବଶ୍ୟ ଉପଲବ୍ଧ ହୋଇ ପାରୁଥିବା ଉଚିତ ।…

(୧୦)…ଶାରୀରିକ, ପ୍ରାଣିକ ଏବଂ ମାନସିକ,—ଶିକ୍ଷାର ଏହି ତିନୋଟିଯାକ ଦିଗ ଯେଉଁସବୁ ବିଷୟକୁ ନେଇ ସଂପୃକ୍ତ ରହିଥାନ୍ତି, ଆମେ ତାହାକୁ ଆମ ବ୍ୟକ୍ତିତ୍ୱକୁ ଗଢ଼ି ପାରିବାର ଗୋଟିଏ ଗୋଟିଏ ସାଧନ ବୋଲି କହିପାରିବା; ସେଗୁଡ଼ିକ ବ୍ୟକ୍ତିକୁ ତା'ର ଏହି ଅବ୍ୟବସ୍ଥିତ ଅବଚେତନ ପିଣ୍ଡଟିରୁ ଉପରକୁ ଉଠାଇ ନେଇଯାନ୍ତି, ତାହାକୁ ଏକ ସୁନିରୂପିତ ଆତ୍ମ-ସଚେତନ ସତ୍ତ୍ୱରେ ପରିବର୍ତ୍ତିତ କରିଦିଅନ୍ତି । ଚୈତ୍ୟ ଶିକ୍ଷା ଲାଭ କରି ଆମେ ଜୀବନର ଯଥାର୍ଥ ଉଦ୍ଦେଶ୍ୟଟିର ସମସ୍ୟାଟିର କ୍ଷେତ୍ରରେ ଆସି ପହଞ୍ଚୁ । ଆମେ ଏହି ସଂସାରରେ କାହିଁକି ଏହି ଜୀବନଟିକୁ ଧାରଣ କରି ରହିଛୁ, ସେହି ସମସ୍ୟାଟିର କ୍ଷେତ୍ରରେ ଆସି ପହଞ୍ଚୁ । ଆମର ଏହି ଜୀବନ ଆମକୁ ଯେଉଁ ସତ୍ୟୋଦ୍‌ଘାଟନଟି ଆଡ଼କୁ ଅବଶ୍ୟ ପରିଚାଳିତ କରି ନେଇଯିବ ଏବଂ ସେହି ଉଦ୍‌ଘାଟନରୁ ପରିଣାମରୂପେ ଆମ ଲାଗି ଯାହାକିଛି ଉପଲବ୍ଧ ହେବ, ବ୍ୟକ୍ତି ଆପଣାକୁ ତା'ର ଜୀବନର ଶାଶ୍ୱତ ସତ୍ୟଟି ଉଦ୍ଦେଶ୍ୟରେ କିପରି ଉତ୍ସର୍ଗ କରିଦେଇ ପାରିବ, ସେହିସବୁ ସମସ୍ୟାର କ୍ଷେତ୍ରରେ ଆସି ପହଞ୍ଚୁ ।…

(୧୧)...ଏହା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଯେ ପିଲାର ପ୍ରାଣିକ ଶିକ୍ଷା ତା' ଜୀବନରେ ଯଥାସମ୍ଭବ ଶୀଘ୍ର ଆରମ୍ଭ ହୋଇଯିବ; ଏପରିକି ପିଲା ଆପଣାର ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରିବାକୁ ସମର୍ଥ ହୋଇଯିବା ମାତ୍ରକେ ତା'ର ପ୍ରାଣିକ ଶିକ୍ଷାକୁ ଆରମ୍ଭ କରିଦେବାକୁ ପଡ଼ିବ। ସେପରି କଲେ ଆମେ ତାକୁ ଅନେକ କୁଅଭ୍ୟାସ ଭିତରୁ ବାହାରେ ରଖିପାରିବା ଏବଂ ତା' ଉପରେ ପଡ଼ୁଥିବା ଅନେକ ଅନିଷ୍ଟକାରୀ ପ୍ରଭାବର ନିରାକରଣ କରିପାରିବା।...

...ପ୍ରାଣିକ ଶିକ୍ଷାର ଦୁଇଟି ପ୍ରଧାନ ଦିଗ ରହିଛି। ସେଗୁଡ଼ିକର ଉଦ୍ଦେଶ୍ୟ ଏବଂ ପ୍ରକ୍ରିୟା ଦୃଷ୍ଟିରୁ ସେମାନେ ପରସ୍ପରଠାରୁ ଅନେକ ପୃଥକ୍ ହୋଇଥିଲେ ମଧ୍ୟ ମହତ୍ତ୍ୱ ଦୃଷ୍ଟିରୁ ସେଗୁଡ଼ିକ କେହି କାହାଠାରୁ ଆଦୌ କମ୍ ନୁହନ୍ତି। ପ୍ରଥମ ଦିଗଟି ହେଉଛି ଇନ୍ଦ୍ରିୟଗୁଡ଼ିକର ବିକାଶ ଓ ଯଥୋପଯୁକ୍ତ ବ୍ୟବହାର; ଦ୍ୱିତୀୟ ଦିଗଟି ହେଉଛି ନିଜର ଚରିତ୍ର ସମ୍ବନ୍ଧରେ ସଚେତନ ହେବା ଏବଂ କ୍ରମେ ସ୍ୱୟଂ ତାହାର ନିୟନ୍ତ୍ରଣ କରିପାରିବା ଏବଂ ଶେଷରେ ଏଥିରେ ଏକ ରୂପାନ୍ତର ଘଟାଇବା।...

(୧୨)...ତେଣୁ, ଆମ ଆପଣା ଜାତିଟିର ମୌଳିକ ପ୍ରବୃତ୍ତି ବିଷୟରେ ସଚେତନ ହେବା ଲାଗି ସମସ୍ତଙ୍କୁ ସାହାଯ୍ୟ କରିପାରିବାହିଁ ଆମର ସର୍ବପ୍ରଥମ ଲକ୍ଷ୍ୟ ହୋଇ ରହିବ; ଏବଂ ତହିଁ ସଙ୍ଗେ ସଙ୍ଗେ ଅନ୍ୟ ବିଭିନ୍ନ ଜାତିର ଜୀବନଭଙ୍ଗିଟି ସହିତ ସେମାନଙ୍କର ସମ୍ପର୍କପ୍ରତିଷ୍ଠା କରିବାରେ ମଧ୍ୟ ଆମେ ସେମାନଙ୍କୁ ସାହାଯ୍ୟ କରିବା, ଯାହାଦ୍ୱାରା କି ସେମାନେ ଆପଣା ଦେଶ ଭଳି ପୃଥିବୀର ସବୁ ଦେଶଗୁଡ଼ିକର ଯଥାର୍ଥ ଆତ୍ମାଟିକୁ ମଧ୍ୟ ଜାଣିପାରିବେ ଓ ସମ୍ମାନ ଦେଖାଇ ପାରିବେ। କାରଣ, ଆମେ କଳ୍ପନା କରୁଥିବା ଯାବତୀୟ ବିଶ୍ୱ-ସଂଗଠନକୁ ଯଦି ପ୍ରକୃତରେ ଏକ ବାସ୍ତବତାରୂପେ ବଞ୍ଚାଇ ରଖିବାକୁ ହୁଏ, ତେବେ ଜାତି ଜାତି ମଧ୍ୟରେ ତଥା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପାରସ୍ପରିକ ସମ୍ମାନ ଏବଂ ବୁଝାମଣାର ଭିତ୍ତି ଉପରେ ତାହାକୁ ପ୍ରତିଷ୍ଠିତ କରାଇବାକୁ ପଡ଼ିବ। ଯଦି ସବୁ ମଣିଷ ଏହିପରି ଏକ ସାମୂହିକ ବ୍ୟବସ୍ଥା ଓ

ସଂଗଠନ ଭିତରେ ଆସି ରହିପାରନ୍ତି, ପାରସ୍ପରିକ ସଦିଚ୍ଛା ଦ୍ୱାରା ପ୍ରେରିତ ହୋଇ ଯଦି ସେମାନେ ପରସ୍ପର ସହିତ ସହଯୋଗ କରିପାରନ୍ତି, ତେବେଯାଇ ମଣିଷ ତାହାର ଏହି ବର୍ତ୍ତମାନର ଯନ୍ତ୍ରଣାମୟ ଅରାଜକତାଟି ମଧ୍ୟରୁ କେବେ ଉଠିଯାଇ ପାରିବାର ସମ୍ଭାବନା ରହିଛି ବୋଲି କୁହାଯାଇ ପାରିବ । ଏହିପରି ଗୋଟିଏ ଉଦ୍ଦେଶ୍ୟ ରଖି ଏବଂ ଏହିଭଳି ଏକ ଭାବ ଦ୍ୱାରା ପ୍ରେରିତ ହୋଇହିଁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମନୁଷ୍ୟର ଯାବତୀୟ ସମସ୍ୟାର ଅଧ୍ୟୟନ କରାଯିବ; ଏବଂ ଆପଣାର ରଚନାବଳୀରେ ଶ୍ରୀଅରବିନ୍ଦ ଯେଉଁ ଅତିମାନସ ଜ୍ଞାନର ଉଦ୍‌ଘାଟନ କରାଇଛନ୍ତି, କେବଳ ତାହାରି ଆଲୋକଟି ମଧ୍ୟରେହିଁ ଆମକୁ ସେହିସବୁ ସମସ୍ୟାର ସମାଧାନ ବତାଇବାକୁ ପଡ଼ିବ ।

(୧୩)···ପ୍ରତ୍ୟେକ ଜାତିର ଜୀବନରେ ଏପରି ଗୋଟିଏ ଗୋଟିଏ ସମୟ ଆସେ, ଯେତେବେଳେ ବିଧାତା ତା' ଆଗରେ କେବଳ ଗୋଟିଏ କାର୍ଯ୍ୟ ଓ ଗୋଟିଏ ଲକ୍ଷ୍ୟକୁ ଆଣି ରଖି ଦିଅନ୍ତି, ଏବଂ ସେତେବେଳେ ସେଇଟି ଲାଗି, ଯେତେ ଉଚ୍ଚ ଏବଂ ମହିମାମୟ ହୋଇଥିଲେ ମଧ୍ୟ ଅନ୍ୟ ଯାବତୀୟ ବିଷୟକୁ ବିସର୍ଜନ କରି ଆସିବାକୁ ପଡ଼େ । ଆମର ମାତୃଭୂମିଟି ଲାଗି ବର୍ତ୍ତମାନ ଏହିଭଳି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚିଛି, ଯେତେବେଳେ କି ତାହାରି ସେବା ବ୍ୟତୀତ ଆମର ଆଉ ଅଧିକ ପ୍ରିୟ ଦ୍ୱିତୀୟ କୌଣସି କାର୍ଯ୍ୟ ନାହିଁ ଏବଂ ଯେତେବେଳେ କି ଆମକୁ ଆମର ସବୁକିଛିକୁ କେବଳ ସେହି ଲକ୍ଷ୍ୟଟିର ସାଧନ ଦିଗରେ ପରିଚାଳିତ କରିବାକୁ ପଡ଼ିବ । ଯଦି ଆପଣ ବିଦ୍ୟାର୍ଜନ କରିବେ, ତେବେ ସେହି ମାତୃଭୂମି ଲାଗିହିଁ ବିଦ୍ୟାର୍ଜନ କରନ୍ତୁ; ତାହାରି ସେବା ପାଇଁହିଁ ଆପଣାର ଶରୀର, ମନ ଏବଂ ଆତ୍ମାକୁ ପ୍ରଶିକ୍ଷିତ କରନ୍ତୁ, ପ୍ରସ୍ତୁତ କରନ୍ତୁ । ତାହାରି ପାଇଁ ଜୀବନ ବଞ୍ଚି ପାରିବେ ବୋଲିହିଁ ଜୀବିକାର ଅର୍ଜନ କରି ଯାଆନ୍ତୁ । ବିଦେଶରୁ ଆହୃତ ଜ୍ଞାନ ଦ୍ୱାରା ଆପଣ ସେହି ମାତୃଭୂମିର ସେବା କରିପାରିବେ ବୋଲିହିଁ ଆପଣ ବାହାରକୁ ଅନ୍ୟ ଦେଶକୁ ଯାଆନ୍ତୁ । ସେହି ଜନନୀର ସମୃଦ୍ଧି ଲାଗି କାର୍ଯ୍ୟ କରନ୍ତୁ । ତାହାରି ଆନନ୍ଦବର୍ଦ୍ଧନ ଲାଗି ଦୁଃଖର ବରଣ କରନ୍ତୁ । ସେହି ଗୋଟିଏ ପରାମର୍ଶ ମଧ୍ୟରେହିଁ ସବୁକିଛି ଅନ୍ତର୍ଗତ ହୋଇ ରହିଛି ।

# ଶିକ୍ଷକର ଭୂମିକା

(୧)···ଯଥାର୍ଥ ଶିକ୍ଷାଦାନର ସର୍ବପ୍ରଥମ ମୂଳନୀତିଟି ହେଉଛି ଯେ ଆମେ ପ୍ରକୃତରେ କିଛିହେଲେ ଶିଖାଇଦେଇ ପାରିବା ନାହିଁ । ଶିକ୍ଷକ ପ୍ରକୃତରେ କୌଣସି ଶିକ୍ଷା -ଦେବ ନାହିଁ, ପାଠ ଆଦାୟ କରିବାର ଜଣେ ବ୍ୟକ୍ତି ହୋଇ ବି ରହିବ ନାହିଁ; ସେ କେବଳ ସାହାଯ୍ୟକାରୀ ହୋଇ ରହିବ, ବାଟ ବତାଇଦେବ । ସିଏ କେବଳ ସୂଚାଇ ଦେବ, ମାତ୍ର କିଛିହେଲେ ଲଦିଦେବାକୁ ଆସିବ ନାହିଁ । ସିଏ ପ୍ରକୃତରେ ପିଲାର ମନକୁ ଆଦୌ କୌଣସି ତାଲିମ ଦିଏ ନାହିଁ; ପିଲା ନିଜେ କିପରି ତା'ର ଜ୍ଞାନସାଧନଗୁଡ଼ିକୁ ନିର୍ଦ୍ଦୋଷ କରି ତିଆରି କରିପାରିବ, ଶିକ୍ଷକ କେବଳ ତାକୁ ସେହି କଥାଟିକୁହିଁ ଦେଖାଇଦିଏ, ଏହି ପ୍ରକ୍ରିୟାଟିରେ ସେ ତାକୁ ସାହାଯ୍ୟ କରେ, ପ୍ରୋତ୍ସାହନ ଦେଉଥାଏ । ସିଏ ତାକୁ ଆଦୌ କୌଣସି ଜ୍ଞାନ ପ୍ରଦାନ କରେ ନାହିଁ, ପିଲା ସ୍ୱୟଂ କିପରି ଜ୍ଞାନର ଅର୍ଜନ କରିପାରିବ, ସିଏ ତାକୁ ସେହି କଥାଟିକୁହିଁ ଦେଖାଇଦିଏ । ପିଲା ଭିତରେ ଯେଉଁ ଜ୍ଞାନଟି ନିହିତ ହୋଇ ରହିଛି, ଶିକ୍ଷକ ବାହାରୁ ଥାଇ ତାହାକୁ ଆଦୌ ବାହାର କରି ଆଣେ ନାହିଁ; ସେହି ଜ୍ଞାନ ପ୍ରକୃତରେ କେଉଁଠି ରହିଛି ଓ ସେଇଟି କିପରି ଉପରିଭାଗକୁ ଆସିବା ଲାଗି ଅଭ୍ୟସ୍ତ ହୋଇଯାଇ ପାରିବ, ଶିକ୍ଷକ ପିଲାକୁ କେବଳ ସେତିକି ଦର୍ଶାଇ ଦେଇଥାଏ । ଯେଉଁ ଭେଦବିଚାର ଏହି ନୀତିଟିକୁ କେବଳ କିଶୋର ଏବଂ ବୟସ୍କମାନଙ୍କୁ ଶିକ୍ଷା ଦେବାର କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ଏବଂ ପିଲାମାନଙ୍କ ପାଇଁ ଲାଗୁ କରାଯାଇ ପାରିବ ନାହିଁ ବୋଲି କହିଥାଏ, ତାହାର ପଛରେ ଏକ ରକ୍ଷଣଶୀଳ ମନୋବୃତ୍ତି ରହିଥାଏ ଏବଂ ସେପରି ଏକ ବିଚାର

ବୁଦ୍ଧି ଦ୍ୱାରା ଆଦୌ ପ୍ରେରିତ ହୋଇ ନଥାଏ । ସାନ ପିଲା ହେଉ ବା ବଡ଼ ମଣିଷ ହେଉ, ଉତ୍ତମ ଶିକ୍ଷାଦାନର କେବଳ ଗୋଟିଏ ମାତ୍ର ଯଥାର୍ଥ ମୂଳନୀତି ରହିଛି । ଆମେ କେତେବେଳେ କେତେ ପରିମାଣରେ ସାହାଯ୍ୟ ଓ ମାର୍ଗଦର୍ଶନ ଦେବା, ବୟସର ପାର୍ଥକ୍ୟ ଅନୁସାରେ କେବଳ ତାହାହିଁ କମ ବା ବେଶୀ ହୋଇଥାଏ; ମାତ୍ର ତଦ୍ଦ୍ୱାରା ମୂଳ ନୀତିଟିର ସ୍ୱଭାବରେ ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ ।

(୨)···ତେଣୁ ଯେଉଁମାନଙ୍କ ପାଖରେ ଜ୍ଞାନ ରହିଛି, ଅର୍ଥାତ୍ ଶିକ୍ଷକ ଓ ଶିକ୍ଷଣଦାତାମାନଙ୍କର କେବଳ ଏହି ଲକ୍ଷ୍ୟ ହୋଇ ରହିବ ଅର୍ଥାତ୍ ସେମାନେ କେବଳ ଏହି ଉଦ୍ଦେଶ୍ୟଟିର ସାଧନ ଲାଗି ଉପସ୍ଥିତ ରହିଥିବେ ଯେ ସେମାନେ ଆମକୁ ଜ୍ଞାନ ଦେବେ, ଆମକୁ ସାହାଯ୍ୟ କରିବେ । ଯେତେବେଳେ କୌଣସି ବିଷୟ ତୁମକୁ କଷ୍ଟକର ମନେ ହେଉଥିବ, ସେତେବେଳେ ଆପଣାର ସମସ୍ୟାଟିକୁ ତୁମେ ସେମାନଙ୍କ ପାଖରେ ନେଇ ନିବେଦନ କରିଦେବ ଏବଂ ଆପଣାର ବ୍ୟକ୍ତିଗତ ଅଭିଜ୍ଞତା ବଳରେ ସେମାନେ ତୁମକୁ କହିପାରିବେ, "ନା, ଏକଥାଟି ଏପରି ହେବ ନାହିଁ ବା ସେପରି ହେବ ନାହିଁ; ତୁମକୁ ଏଥିଲାଗି ସେହି କଥାଟି କରିବାକୁ ହେବ, ଏହି କଥାଟି ଚେଷ୍ଟା କରିବାକୁ ହେବ ।" ଏବଂ ତା'ପରେ ତୁମକୁ କେତେଗୁଡ଼ାଏ ସିଦ୍ଧାନ୍ତ, ତତ୍ତ୍ୱ ବା ତଥାକଥିତ ସୂତ୍ରଗୁଡ଼ାକୁ ଗର୍ଭସ୍ଥ କରିବା ଲାଗି ବାଧ୍ୟ ନକରି ବା ଅଳ୍ପ ବହୁତ କେବଳ ଅମୂର୍ତ୍ତ କେତେଟା ଜ୍ଞାନକୁ ଗିଳି ପକାଇବାକୁ ଆଦେଶ ନଦେଇ ସେମାନେ ତୁମକୁ ଆବଶ୍ୟକ ଯେକୌଣସି ଜ୍ଞାନ ତଥା ସୂଚନା ଦେବା ପାଇଁ ପ୍ରସ୍ତୁତ ହୋଇ ରହିଥିବେ, ସମ୍ପୂର୍ଣ୍ଣ ଜଡ଼ଯନ୍ତ୍ରବିଦ୍ୟାଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଯାବତୀୟ ବିଷୟରେ ସବୁ କଥା କହିବାକୁ ପ୍ରସ୍ତୁତ ହୋଇ ରହିଥିବେ, ଆପଣା ଆପଣାର କ୍ଷେତ୍ରରୁ ଓ ଆପଣା ଆପଣାର ସାମର୍ଥ୍ୟ ଅନୁସାରେ ପ୍ରସ୍ତୁତ ହୋଇ ରହିଥିବେ ।

(୩)···ଶିକ୍ଷା ବିଷୟରେ ଏହି କଳ୍ପନାଟି ଅନୁସାରେ ଜଣେ ଶିକ୍ଷକଙ୍କୁ ଯେଉଁ ଭୂମିକାଟିକୁ ଗ୍ରହଣ କରିବାକୁ ପଡ଼ିବ, ସେଇଟି ଲାଗି ତା' ପାଖରେ କେତୋଟି ବିଶେଷ ଦକ୍ଷତା ବା ଗୁଣ ରହିଥିବା ଏକାନ୍ତ ଆବଶ୍ୟକ ହେବ । ଶିଶୁ ଯେପରି ତା' ନିଜର ବୁଦ୍ଧିଗତ, ନୈତିକ, ସୌନ୍ଦର୍ଯ୍ୟବୋଧଗତ ତଥା ବ୍ୟାବହାରିକ ସମର୍ଥତାଗୁଡ଼ିକର ବିକାଶସାଧନ କରିପାରିବ, ଏବଂ, ଏକ ଜୀବନହୀନ ଓ ଆଜ୍ଞାପାଳନକାରୀ ସାମଗ୍ରୀ ପରି ତାକୁ ଯେପରି ବଳ ଦିଆଯାଇ କୌଣସି ଏକ ନିର୍ଦ୍ଦିଷ୍ଟ ଆକାରରେ ପକାଇ ଦିଆ ନଯିବ ଓ ସେ ଯେପରି ଏକ ଜୀବନ୍ତ ସତ୍ତାରୂପେ ମୁକ୍ତ ଭାବରେ ବୃଦ୍ଧିଲାଭ କରିପାରିବ, ସେଇଥିଲାଗି ତାକୁ ଉତ୍ତରୋତ୍ତର ଭାବରେ ସମର୍ଥ କରି ଆଣିବା ଓ ତାକୁ ସେଥିରେ ସାହାଯ୍ୟ କରିବାହିଁ ଶିକ୍ଷକର କାର୍ଯ୍ୟ ହୋଇ ରହିବ ।

(୪)···ପ୍ରତ୍ୟେକ ଶିଶୁର ଅଭିବୃଦ୍ଧିର ଅନୁଭୂତ ପ୍ରକୃତ ଆବଶ୍ୟକତା-ଗୁଡ଼ିକ ଅନୁସାରେ ଆମେ ଶିକ୍ଷାର ଏକ କାର୍ଯ୍ୟକ୍ରମ ବିକଶିତ କରି ଆଣିବା, ଗଭୀର ସହାନୁଭୂତି, ବୁଝିବା ଶକ୍ତି ଏବଂ ଧୈର୍ଯ୍ୟଶୀଳତା ସହିତ ଶିଶୁମାନଙ୍କ ଉପରେ ସତତ ଦୃଷ୍ଟି ରଖିଥିବା ଏବଂ ଯେକୌଣସି ସମୟରେ ଆବଶ୍ୟକ ହେବା ମାତ୍ରକେ ସେମାନଙ୍କ ପାଖରେ ଯାଇ ପହଞ୍ଚିବା ଓ ସେମାନଙ୍କୁ ବାଟ ଦେଖାଇ ଆଣିବା, ପ୍ରଭାବକାରୀ ଶବ୍ଦ, ବିଚାର, ପ୍ରଶ୍ନ, ଗଳ୍ପ, ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ସେମାନଙ୍କୁ ଉତ୍ପ୍ରେରିତ କରି ରଖିବା,—ଏହାହିଁ ଶିକ୍ଷକମାନଙ୍କର ସର୍ବପ୍ରଧାନ କାର୍ଯ୍ୟ ହୋଇ ରହିଥିବା ଉଚିତ ।

(୫)···ଆମେ ଅଧୀତ ପ୍ରତ୍ୟେକ ବିଷୟକୁ ପିଲା ପାଖରେ ସଚେତଅବା ଏକ ଆହ୍ୱାନ ପରି ନେଇ ଉପସ୍ଥାପିତ କରିବା ଲାଗି ସର୍ବଦା ଚେଷ୍ଟା କରୁଥିବା, ଯେପରିକି ତାହା ପିଲାକୁ ସେହି ଦିଗରେ ଅଧିକ ଉତ୍ପ୍ରେରିତ କରିଆଣି ପାରୁଥିବ ଓ ବିଷୟଟିରେ ତା'ର ଆଗ୍ରହଟିକୁ ମଧ୍ୟ ଜାଗ୍ରତ କରି ଦେଉଥିବ । ଆମେ ସବୁବେଳେ ନୂତନ ଓ କଳ୍ପନାସମୃଦ୍ଧ ନାନାବିଧ ପଦ୍ଧତିକୁ ଖୋଜି

ବାହାର କରୁଥିବା, ନାନାବିଧ ଉତ୍ସରୁ ସାମଗ୍ରୀମାନ ସଂଗୃହୀତ କରିଆଣି ଆମେ ବିଭିନ୍ନ ବିଷୟରେ ନୂତନ ଅବଧାରଣା ତଥା ନୂତନ ବ୍ୟାଖ୍ୟାମାନ ପ୍ରବିଷ୍ଟ କରାଇ ଦେଇ ପାରୁଥିବା, ନାନା ନୂତନ ବିଷୟକୁ ବିକଶିତ କରିଆଣି ପାରୁଥିବା, ଏବଂ ସର୍ବୋପରି, ମନୋଭୂମିସ୍ଥ ଯାବତୀୟ ସାମର୍ଥ୍ୟ ଏବଂ ସେଗୁଡ଼ିକର ବିକାଶର କ୍ଷେତ୍ରରେ ସବୁପ୍ରକାର ଟିକିନିଖି ଉପରେ ମଧ୍ୟ ଏପରି ସାବଧାନତାର ସହିତ ଦୃଷ୍ଟି ରଖି ପାରୁଥିବା, ଯେପରିକି ଆମ ଦ୍ୱାରା ପ୍ରଦତ୍ତ ମାନସିକ ଶିକ୍ଷା ପିଲାର ଆତ୍ମା ଉପରେ କଦାପି ଏକ ଆବରଣ ପରି କାର୍ଯ୍ୟ କରୁ ନଥିବ, ସଂକ୍ଷେପରେ କହିଲେ ଏଠାରେ ଏହାହିଁ ଆମର ସମଗ୍ର ଉଦ୍ୟମ ଓ ତାହାର ମୂଳଗତ ପ୍ରାଣ ହୋଇ ରହିଥିବ ।

(୬)···ସବୁଠାରୁ ଏକ ଉତ୍କୃଷ୍ଟ ପଦ୍ଧତି ହେଉଛି ଯେ ଆମେ ଏପରି ଗୋଟିଏ ବାତାବରଣ ସୃଷ୍ଟି କରି ରଖିବା, ଯେଉଁଠାରେକି ଏକ ଉତ୍ପ୍ରେରକ ଓ ଏକ ଆହ୍ୱାନରୂପେ ବୃହତ୍ ଏବଂ ଶକ୍ତିଶାଳୀ କେତେ କେତେ ବିଚାରକୁ ଆଣି ଅବିରାମ ଭାବରେ ଅଜାଡ଼ି ଦିଆ ଯାଉଥିବ ଏବଂ ସେଗୁଡ଼ିକ ଗ୍ରହୀକୁ ସେଗୁଡ଼ିକୁ ଧରିପାରିବା ଲାଗି ପ୍ରେରିତ କରି ଆଣୁଥିବ, ସେଗୁଡ଼ିକୁ ବୁଝିବାକୁ ଓ ହଜମ କରି ପାରିବାକୁ ମଧ୍ୟ ପ୍ରେରିତ କରି ଆଣୁଥିବ ।

ଯାହାର ନିଜର ବିଚାର ଅଛି, କେବଳ ସେଇ ଅନ୍ୟମାନଙ୍କ ମଧ୍ୟରେ ବିଚାରର ପ୍ରେରଣା ଦେଇପାରିବ । ଏବଂ ସ୍ୱୟଂ ଶିକ୍ଷକମାନେ ବୃହତ୍ ନାନା ବିଚାର ଓ କଳ୍ପନା ମଧ୍ୟରେ ସତତ ତତ୍ପର ହୋଇ ରହି ନଥିବା ପର୍ଯ୍ୟନ୍ତ ସେମାନେ ଦେଉଥିବା ମାନସିକ ଶିକ୍ଷା କଦାପି ସମ୍ପୂର୍ଣ୍ଣ ଏବଂ ଶକ୍ତିଶାଳୀ ହେବ ବୋଲି ଆଦୌ ଆଶା କରାଯାଇ ପାରିବ ନାହିଁ ।

ଏପରି ଏକ ବାତାବରଣ ପ୍ରସ୍ତୁତ ହୋଇ ରହିଥିବ, ଯାହାକି ଏକାଧାରରେ କେତେକେତେ ବିଚାର-ପ୍ରେରଣା ଏବଂ ନୀରବତା ଦ୍ୱାରା ସ୍ପନ୍ଦିତ ହୋଇ ରହିଥିବ, ଯାହାକି ଏକ ସଂଶ୍ଲେଷଣକାରୀ ଭାବନା ଏବଂ ଏକ ଅଧିକରୁ

ଅଧିକ ସମଗ୍ର ହୋଇ ରହିଥିବା ଅଭୀପ୍‌ସା ଦ୍ୱାରା ପ୍ରାଣବନ୍ତ ହୋଇ ରହିଥିବ; ଏପରି ଏକ ବାତାବରଣ ଯାହାକି ପ୍ରଶସ୍ତତମ ଉପଲବ୍ଧି ଏବଂ ଏକ ସୌଷମ୍ୟଯୁକ୍ତ ଏକତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବ;—ପରିପୂର୍ଣ୍ଣ ମାନସିକ ଶିକ୍ଷା ଲାଗି ଆମେ ଏହାକୁହିଁ ଏକ ଅପରିହାର୍ଯ୍ୟ ସର୍ତ୍ତ ବୋଲି କହିବା ।

(୭)···ଶିକ୍ଷାର ମାଧ୍ୟମ ଓ ଶିକ୍ଷାର ସାଧନଗୁଡ଼ିକ ଉପରେହିଁ ଜଣେ ଶିକ୍ଷକର ସର୍ବପ୍ରଥମ ଦୃଷ୍ଟି ନିବଦ୍ଧ ହୋଇ ରହିଥିବ, ଏବଂ ଯେପର୍ଯ୍ୟନ୍ତ ସେଗୁଡ଼ିକ ନିର୍ଦ୍ଦୋଷ ଭାବରେ ତିଆରି ହୋଇପାରି ନଥିବେ, ସେପର୍ଯ୍ୟନ୍ତ ଦୈନନ୍ଦିନ ପାଠ୍ୟକ୍ରମରେ ବିଷୟଗୁଡ଼ିକର ସଂଖ୍ୟା ବଢ଼ାଇବାକୁ ଗଲେ ତାହା କେବଳ ସମୟ ଓ ଶକ୍ତିରହିଁ ଅପଚୟ ହେବ ।

(୮)···ସର୍ବୋପରି ଆମକୁ ଏହି କଥାଟିକୁ ଜାଣି ରଖିବାକୁ ହେବ ଯେ ପିଲାମାନେ ସର୍ବଦା ଅଗ୍ରସର ହୋଇ ଯାଉଥାଆନ୍ତୁ ବୋଲି ଯଦି ଶିକ୍ଷକ ପ୍ରକୃତରେ ଇଚ୍ଛା କରୁଥିବେ, ତେବେ ସେ ନିଜେ ମଧ୍ୟ ସତତ ଅଗ୍ରସର ହୋଇ ଯିବାରେ ଲାଗିଥିବେ । ସିଏ ଯେତିକି ହୋଇ ରହିଛନ୍ତି ବା ଯେତିକି ଜାଣିଛନ୍ତି, ସେତିକିରେ କଦାପି ସନ୍ତୁଷ୍ଟ ହୋଇ ରହିବେ ନାହିଁ ।

(୯)···ଭଲ ହେବା ଅବଶ୍ୟ ଭଲ, କାର୍ଯ୍ୟ କରିବା ଅବଶ୍ୟ ଭଲ ଏବଂ କାହାରି କାମରେ ଲାଗିବା ବି ନିଶ୍ଚୟ ଭଲ । ଏଇଟାକୁ ନିଶ୍ଚୟ ଏକ ଅତି ଭଲ କଥା ବୋଲି କୁହାଯିବ । ମାତ୍ର ଏଇଟି ହେଉଛି ଗୋଟିଏ ଏକପାଖିଆ କଥା ଏବଂ ଏହା ସମ୍ଭବତଃ ପ୍ରଶ୍ନଟିର କେବଳ ଗୌଣ ଦିଗଟି ସହିତହିଁ ସମ୍ବନ୍ଧ ରଖିଛି । ଏହାର ଅସଲ ଦିଗଟି ହେଉଛି ଯେ ଜଣେ ଜଣେ ଶିକ୍ଷକ ହିସାବରେ ଆପଣମାନେ ଯେପରି ଆତ୍ମକର୍ତ୍ତୃତ୍ୱ ଅର୍ଜନ କରିପାରିବେ, ବିଷୟଟିକୁ ପରିପୂର୍ଣ୍ଣ ଭାବରେ ଅଧିଗମି ପାରିବେ, ଏବଂ ଅନ୍ୟମାନଙ୍କୁ ମଧ୍ୟ ବୁଝିବା ଲାଗି ସମର୍ଥ ହେବେ, ସେଥିଲାଗି ଆପଣମାନଙ୍କୁ ଏକ କରୁଣା ପ୍ରଦାନ କରାଯାଇଛି

ଏବଂ ଜଣେ ଜଣେ ଶିକ୍ଷକ ହୋଇ ନଥିଲେ ଆପଣମାନେ ସେସବୁକୁ କଦାପି ହାସଲ କରିପାରି ନଥାନ୍ତେ ।

(୧୦)...ଶିକ୍ଷକ ଏବଂ ଶିକ୍ଷାର୍ଥୀ ଦୁହିଁଙ୍କ ଲାଗିହିଁ ବିଦ୍ୟାଳୟ ଅଗ୍ରଗତିର ଏକ ଅବସର ଓ କ୍ଷେତ୍ର ହୋଇ ରହିବ । ଆପଣାକୁ ମୁକ୍ତ ଭାବରେ ବିକଶିତ କରାଇ ନେବାକୁ ସେମାନଙ୍କର ପ୍ରତ୍ୟେକଙ୍କର ସ୍ୱାଧୀନତା ରହିଥିବ । ଯେକୌଣସି ପଦ୍ଧତି ହେଉ ପଛକେ, ନିଜେ ସେଇଟିକୁ ଆବିଷ୍କାର କରି ନପାରିଥିବା ପର୍ଯ୍ୟନ୍ତ ସେ ସେଇଟିକୁ କଦାପି ଉତ୍ତମରୂପେ ପ୍ରୟୋଗ କରିପାରିବ ନାହିଁ ।

ତା' ନହେଲେ ଶିକ୍ଷକ ଏବଂ ଶିକ୍ଷାର୍ଥୀ ଉଭୟଙ୍କ ଲାଗି ସେଇଟି ବଡ଼ ନୀରସ ଓ ବିରକ୍ତିକର ହୋଇ ରହିଥିବ ।

(୧୧)...ଶାନ୍ତ ଭାବ, ସମତାଯୁକ୍ତ ମନଃସ୍ଥିତି, ଶୃଙ୍ଖଳା, ପଦ୍ଧତି, ଅନାବଶ୍ୟକ ଶବ୍ଦର ପ୍ରୟୋଗ ନକରିବା,—ଶିକ୍ଷାର୍ଥୀ ଏହି ଗୁଣଗୁଡ଼ିକୁ ଅର୍ଜନ କରୁ ବୋଲି ଯଦି ଶିକ୍ଷକ ପ୍ରକୃତିରେ ଇଚ୍ଛା କରୁଥିବ, ତେବେ ସେ ସ୍ୱୟଂ ମଧ୍ୟ ଏଗୁଡ଼ିକୁ ସତତ ଅଭ୍ୟାସ କରୁଥିବ । ଶିକ୍ଷକ ସର୍ବଦା ସମୟାନୁବର୍ତ୍ତୀ ହେବ, କେତେ ମିନିଟ ପୂର୍ବରୁ କ୍ଲାସକୁ ଆସୁଥିବ, ସର୍ବଦା ଯଥୋଚିତ ଭାବରେ ପରିହିତ ହୋଇଥିବ । ଏବଂ ସର୍ବୋପରି, ତା'ର ପିଲାମାନେ କେବେହେଲେ ମିଛ ନକହନ୍ତୁ ବୋଲି ଯଦି ସେ ପ୍ରକୃତିରେ ଚାହୁଁଥାଏ, ତେବେ ସିଏ ନିଜେ ମଧ୍ୟ କେବେହେଲେ ମିଛ କହିବ ନାହିଁ; ପିଲାମାନେ କେବେହେଲେ ନରାଗନ୍ତୁ ବୋଲି ଇଚ୍ଛା କରୁଥିଲେ ସିଏ ନିଜେ ମଧ୍ୟ ସେମାନଙ୍କ ଉପରେ କଦାପି ରାଗିଯିବ ନାହିଁ; ଏବଂ, "ରୁକ୍ଷ ଦୁର୍ବ୍ୟବହାର ଦେଖାଇଲେ ଅନେକ ସମୟରେ କାହିବାକୁ ପଡ଼େ," ପିଲାମାନଙ୍କୁ ସମ୍ପୂର୍ଣ୍ଣ ନ୍ୟାୟଯୁକ୍ତ ଭାବରେ ଏହି କଥାଟି କହି ପାରିବାକୁ ହେଲେ ସିଏ କୌଣସି ପିଲା ଉପରେ କେବେହେଲେ ହାତ ଉଠାଇବ ନାହିଁ । କୌଣସି ବ୍ୟତିକ୍ରମ ନରଖି ସବୁ ବିଦ୍ୟାଳୟରେ ଏହିସବୁ ମୌଳିକ ଓ ପ୍ରାରମ୍ଭିକ ବିଷୟଗୁଡ଼ିକର ପାଳନ କରିବାକୁ ପଡ଼ିବ ।

(୧୨)···ଯେଉଁ ଶିକ୍ଷକମାନେ ପୂର୍ଣ୍ଣ ଶାନ୍ତ ଭାବ ହାସଲ କରିପାରି ନାହାନ୍ତି, ଯେଉଁମାନେ ସକଳ ସ୍ଥିତିରେ ମଧ୍ୟ ସନ୍ତୁଷ୍ଟ ହୋଇ ରହିପାରନ୍ତି ନାହିଁ ଓ ଆପଣା ଧୀରତାରେ ଅଟଳ ହୋଇପାରନ୍ତି ନାହିଁ, ଯେଉଁମାନେ ଆତ୍ମଗର୍ବରେ ପୂରି ରହିଥାନ୍ତି, ସେମାନଙ୍କ ଦ୍ୱାରା କେବେହେଲେ କିଛି ହୋଇପାରିବ ନାହିଁ ।

(୧୩)···ପିଲାକୁ କ୍ଲାସ୍‌ରୁ ବାହାର କରିଦେଲେ କିଂବା ତାକୁ ଗାଳି ଦେଲେ ତା'ର ସ୍ୱଭାବ ଉପରେ ତାହାର କୌଣସି ପ୍ରଭାବ ପଡ଼େ ନାହିଁ । ଆମ ଭିତରେ ଏକ ନୈତିକ ନିୟନ୍ତ୍ରଣଶକ୍ତି ରହିଥିବା ଉଚିତ, ଯାହାକି ପଦେ କଥାରେ ମଧ୍ୟ ଆପଣାର ପ୍ରଭାବ ପକାଇ ପାରୁଥିବ ।

(୧୪)···ତୁମେ ନିଜେ ଯାହା କରି ନପାରୁଛ, ଆଉ ଜଣେ ମନୁଷ୍ୟ ତାହା କରୁ ବୋଲି ତୁମେ ତାକୁ ଆଦେଶ ଦେଇପାରିବ ନାହିଁ ।

(୧୫)···ଜଣେ ଭଲ ଶିକ୍ଷକ ହେବାକୁ ହେଲେ ଜଣେ ମହାନ୍ ଯୋଗୀ ହେବାକୁ ପଡ଼ିବ ।

# ଶିକ୍ଷଣର ଶୈଳୀ

(୧)···ପ୍ରକୃତ କଥା ହେଉଛି ଯେ, ହାତରେ ଖଣ୍ଡେ ପାଠ୍ୟପୁସ୍ତକ ଧରି ଆପଣାର ପାଠ୍ୟବିଷୟଟି ମଧ୍ୟଦେଇ ନିଯାଇ ଶିକ୍ଷକ କଷ୍ଟସ୍ୱୀକାର କରି ଆପଣାର ପାଠ୍ୟବିଷୟଟିକୁ ପ୍ରସ୍ତୁତ କରିବ । ତା'ଠାରେ ବିଷୟଟି ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବ ଓ ଆପଣାର ଦୈନନ୍ଦିନ ପାଠ୍ୟବିଷୟଟିକୁ ପ୍ରସ୍ତୁତ କରିବା ଲାଗି ସେ ଯଥେଷ୍ଟ ପରିମାଣରେ କଷ୍ଟସ୍ୱୀକାର କରି ପାରୁଥିବ, ଏବଂ ଯେତେବେଳେ ତା'ର ଶ୍ରେଣୀଟିରେ ତା' ବିଚାରରେ ଆଗ୍ରହ ରହିଥିବା ଅନ୍ତତଃ ସମସ୍ତେ ବିଷୟଟିକୁ ବୁଝି ପାରିଥିବେ, ସେତେବେଳେ ଯାଇ ସେ ବିଷୟଟିକୁ ପଢ଼ାଇବା ବନ୍ଦ କରିବ । ଗୋଟି ଗୋଟି ହୋଇ ସମସ୍ତେ ବୁଝି ପାରିଥିବେ ବୋଲି ମୁଁ ଆଦୌ କହୁ ନାହିଁ, କାରଣ ତାହା କଦାପି ସମ୍ଭବ ନୁହେଁ । ହଁ, ତେବେଯାଇ ସେ ପରବର୍ତ୍ତୀ ବିଷୟଟିକୁ ଆରମ୍ଭ କରିବ, ଏବଂ ଯଦି ସେଇଟି ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ପ୍ରକାରର ବିଷୟ ବର୍ଷେ ବା ଦେଢ଼ବର୍ଷ ସ୍ଥାନରେ ଦୁଇବର୍ଷ କାଳ ପଢ଼ାଇବାକୁ ପଡ଼େ, ତେବେ ସେଥିରେ ପ୍ରକୃତରେ କିଛି ଯାଏ ଆସେ ନାହିଁ; କାରଣ ପାଠ୍ୟବିଷୟଟିକୁ ସେ ନିଜେ ପ୍ରସ୍ତୁତ କରିଛି, ସେଇଟିକୁ ସେ ନିଜେ ଲେଖିଛି ଏବଂ ଆପଣା ଶ୍ରେଣୀଟିର ଆବଶ୍ୟକତା ଅନୁସାରେହିଁ ସେ ତାହା ଲେଖିଛି ।

(୨)···ଏହି ପ୍ରଣାଳୀଟିରେ ଶିଶୁ ଯେକୌଣସି ସମୟରେ ଯେକୌଣସି ବିଷୟ ପଢ଼ିବାକୁ ଇଚ୍ଛା କରିବ, ସିଏ ତାହା ଅବଶ୍ୟ ଅଧ୍ୟୟନ କରିପାରିବ । ମାତ୍ର ତାହାର ଏହି ସ୍ୱାଧୀନତାଟିକୁ ଅବଶ୍ୟ ଯଥୋଚିତ ଭାବରେ ପରିଚାଳିତ

କରି ଯାଉଥିବ; ଛାତ୍ର ଅବଶ୍ୟ ସ୍ୱାଧୀନତାର ଅନୁଭୂତି ଲାଭ କରୁଥିବ, ମାତ୍ର ସେଇଟିର ଯେପରି କୌଣସି ଅସଦୁପଯୋଗ ଆଦୌ କରି ନଯାଏ ! ତେଣୁ ଯତ୍ନ, ସହାନୁଭୂତି ଏବଂ ପୂର୍ଣ୍ଣ ବିବେକର ସହିତ ଛାତ୍ର ଉପରେ ଦୃଷ୍ଟି ରଖିବାକୁ ପଡ଼ିବ । ଛାତ୍ର ଲାଗି ଶିକ୍ଷକ ଜଣେ ବନ୍ଧୁ ହୋଇ ରହିବ, ପଦପ୍ରଦର୍ଶକ ହେବ; ସେ କେବେହେଲେ ଆପଣାକୁ ନେଇ ଲଦିଦେବାକୁ ଚେଷ୍ଟା କରିବ ନାହିଁ, ମାତ୍ର ଯେତେବେଳେ ଦରକାର ସେତିକବେଳେ ସାହାଯ୍ୟ କରିବା ଲାଗି ପ୍ରସ୍ତୁତ ରହିଥିବ । ଉପଲବ୍ଧ ଅନୁକୂଳ ଅବସରଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଦାପି ନଷ୍ଟ ହୋଇଯିବାକୁ ଦିଆଯିବ ନାହିଁ । ମାତ୍ର କେତେବେଳେ ସାହାଯ୍ୟ କରିବା ଲାଗି ଆସି ପହଞ୍ଚିବାକୁ ପଡ଼ିବ, ତାହା ଶିକ୍ଷକର ସ୍ୱ-ଇଚ୍ଛା ଉପରେହିଁ ନିର୍ଭର କରିବ ।

(୩)···ଆପଣାର ସ୍ୱାଭାବିକ ସ୍ଥିତିରେ ମନୁଷ୍ୟର ମନ ଆପଣାର ଦୃଷ୍ଟିର କ୍ଷେତ୍ରରେ ସର୍ବଦା ସୀମାବଦ୍ଧ ହୋଇ ରହିଥାଏ, ଆପଣାର ବୁଝିବା ଶକ୍ତିରେ ବଡ଼ ସଙ୍କୀର୍ଣ୍ଣ ହୋଇ ରହିଥାଏ, ଆପଣାର କଳ୍ପନାଗୁଡ଼ିକରେ ବଡ଼ ଦୁର୍ନମ୍ୟ ହୋଇ ରହିଥାଏ; ଏବଂ ସେଇଟିକୁ ପ୍ରସାରିତ କରିଦେବା ଲାଗି, ତାହାକୁ ନମନୀୟ ଏବଂ ଗଭୀର କରିବା ଲାଗି କେତେକ ପରିମାଣରେ ଏକ ପ୍ରୟାସର ପ୍ରୟୋଜନ ରହିଥାଏ । ତେଣୁ ଛାତ୍ର ପ୍ରତ୍ୟେକ ବିଷୟକୁ ଯେପରି ଯଥାସମ୍ଭବ ଅଧିକରୁ ଅଧିକ ଦୃଷ୍ଟିକୋଣରୁ ବିଚାର କରିବା ପାଇଁ ସମର୍ଥ ହୋଇପାରିବ, ସେଥିଲାଗି ତା' ମଧ୍ୟରେ ଅନୁକୂଳ ପ୍ରବୃତ୍ତି ଏବଂ ପାରଙ୍ଗମତାଟିକୁ ବିକଶିତ କରାଇ ଆଣିବାର ସତତ ଏକାନ୍ତ ଆବଶ୍ୟକତା ମଧ୍ୟ ରହିଥାଏ । ଏହି କ୍ଷେତ୍ରରେ ବିଦ୍ୟାରେ ଏକ ବୃହତ୍ତର ନମନୀୟତା ଏବଂ ଉତ୍ତୋଳନ ଆଣିଦେବା ଲାଗି ଏକ ପ୍ରୟୋଗ ମଧ୍ୟ ରହିଛି । ସେଇଟି ହେଉଛି : ଏକ ନିର୍ଦ୍ଦିଷ୍ଟ ସୂତ୍ରବଦ୍ଧ ମତବାଦର ଉପସ୍ଥାପନ କରାଯିବ, ସେଇଟି ସମକ୍ଷରେ ତା'ର ଠିକ୍ ବିପରୀତ ମତବାଦଟିର ମଧ୍ୟ ପ୍ରତି-ଉପସ୍ଥାପନ କରାଯିବ, ଏବଂ ସେହି ପ୍ରତି-ଉପସ୍ଥାପନାଟିକୁ ମଧ୍ୟ ଠିକ୍ ସେହିପରି ସ୍ପଷ୍ଟ ଭାବରେ ସୂତ୍ରବଦ୍ଧ କରାଯାଇଥିବ ।

ଏବଂ ତା'ପରେ ଯତ୍ନଶୀଳ ମନନ ଦ୍ୱାରା ସମସ୍ୟାଟିକୁ ପ୍ରସାରିତ ଅର୍ଥାତ୍ ତାହାର ନିର୍ଦ୍ଦିଷ୍ଟ ପରିସରଟି ମଧ୍ୟରୁ ଉତ୍ତୋଳିତ କରି ନିଆଯିବ, ଯେପରିକି ଏପରି ଏକ ସମନ୍ୱୟରେ ଆସି ଉପନୀତ ହେବା ସମ୍ଭବ ହେବ, ଯାହାକି ଦୁଇ ବିରୁଦ୍ଧ ପ୍ରମେୟକୁ ଏକ ବୃହତ୍ତର, ଉଚ୍ଚତର ଏବଂ ଅଧିକ ବ୍ୟାପକ କଳ୍ପନା ମଧ୍ୟରେ ଐକ୍ୟବଦ୍ଧ କରି ନେଇଆସି ପାରୁଥିବ ।

(୪)···ଉପଲବ୍ଧ ଯାବତୀୟ ସରଳ ଏବଂ ସହଜ ଉପାୟରେ ମନର ପେଶୀଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପ୍ରଶିକ୍ଷିତ କରିନେବାକୁ ପଡ଼ିବ; ଏବଂ ତା'ପରେ ଯାଇ, ଅର୍ଥାତ୍ ତା' ପୂର୍ବରୁ କଦାପି ନୁହେଁ, ଆମେ ସେଗୁଡ଼ିକଠାରୁ ବୌଦ୍ଧିକ ଶକ୍ତିମତ୍ତାର କୌଣସି ବୃହତ୍ ଚମତ୍କାରିତା ଦାବି କରିପାରିବା ।

(୫)···ପିଲା ଅତ୍ୟନ୍ତ ଅଳ୍ପ ବୟସର ହୋଇଥିବା ବେଳେ ମଧ୍ୟ ତା' ଭିତରେ ଆଉ ଗୋଟିଏ ଗୁଣର ଅନୁଶୀଳନ କରାଯାଇ ପାରିବ । କେତେକ କାର୍ଯ୍ୟ କଲାବେଳେ ସେ ସାଧାରଣତଃ ଏକ ଅସ୍ୱସ୍ତିର ଭାବ ଅର୍ଥାତ୍ ନୈତିକ ସମତାବସ୍ଥାର ଅଭାବ ଅନୁଭବ କରିଥାଏ । ଏଭଳି କାର୍ଯ୍ୟମାନ ନକରିବାକୁ ତାକୁ କୁହା ଯାଇଥାଏ ବା ସେଥିଲାଗି କୌଣସି ଶାସ୍ତି ପାଇବାର ଭୟ ଥାଏ ବୋଲି ଯେ ସେ ତାହା ଅନୁଭବ କରେ ସେକଥା ନୁହେଁ, ମାତ୍ର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ସେ ତାହା ଅନୁଭବ କରିଥାଏ । ଉଦାହରଣସ୍ୱରୂପ, ଝଗଡ଼ା କରି ଆପଣାର ଜଣେ ସାଙ୍ଗକୁ ଆଘାତ କରିଥିବା ଜଣେ ପିଲା ଯଦି ଆପଣାର ସ୍ୱାଭାବିକ ଅବସ୍ଥାଟିରେ ରହିଥାଏ, ତେବେ ସେ ଆପଣା ଭିତରେ ଅବଶ୍ୟ ଏକ ଅସ୍ୱସ୍ତି ଅନୁଭବ କରେ, ନିଶ୍ଚୟ ଦୁଃଖିତ ହୁଏ । କାରଣ ସିଏ ଯାହା କରିଥାଏ, ତାହା ତା'ର ଅନ୍ତର୍ଗତ ସତ୍ୟଟିର ବିରୁଦ୍ଧାଚରଣ କରୁଥାଏ ।

(୬)···ମୁଁ ଅବଶ୍ୟ କହିବି ଯେ ଅତି ପିଲାଟିବେଳୁ ମଧ୍ୟ ଆମେ ପିଲାମାନଙ୍କୁ ଅବଶ୍ୟ ଏହି ଶିକ୍ଷାଟି ଦେଇରଖିବା ଯେ ଏହି ସବୁକିଛିର ଅନ୍ତଃସ୍ଥଳରେ

ଗୋଟିଏ. ସତ୍ୟ ରହିଛି, ସେମାନଙ୍କ ନିଜ ଭିତରେ ରହିଛି, ଏହି ପୃଥିବୀ ଭିତରେ ରହିଛି ଏବଂ ଏହି ବିଶ୍ୱବ୍ରହ୍ମାଣ୍ଡ ଭିତରେ ରହିଛି । କେବଳ ସେହି ସତ୍ୟଟିର ଗୋଟିଏ କ୍ରିୟା ହିସାବରେହିଁ ସେ ନିଜେ ତିଷ୍ଠି ରହିଛି, ଏହି ପୃଥିବୀ ଓ ଏହି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟ ତିଷ୍ଠି ରହିଛି । ଏବଂ ଯଦି ସେହି ସତ୍ୟଟି ନଥାନ୍ତା, ତେବେ ସେ ନିଜେ ମଧ୍ୟ କଦାପି ରହି ନଥାନ୍ତା; ଯେଉଁ ଅତ୍ୟଳ୍ପ ସମୟଟି ଲାଗି ସେ ରହୁଛି, ସେତିକ ସମୟ ଲାଗି ମଧ୍ୟ କଦାପି ରହିପାରୁ ନଥାନ୍ତା ଏବଂ ସୃଷ୍ଟି ହେବା ମାତ୍ରକେ ସବୁକିଛି କେବଳ ବିଲୁପ୍ତହିଁ ହୋଇ ଯାଉଥାନ୍ତା ।

(୭)···ଅବଶ୍ୟ ଏହାର ଅର୍ଥ ଆଦୌ ନୁହେଁ ଯେ ଆମେ କୌଣସି ସାନ ପିଲା ଆଗରେ ଦାର୍ଶନିକ ତତ୍ତ୍ୱବ୍ୟାଖ୍ୟାମାନ ନେଇ ବାଢ଼ିଦେବାକୁ ଚେଷ୍ଟା କରିବା; ମାତ୍ର ତା' ଭିତରେ ରହିଥିବା ଓ ତା'ର ବିରୋଧୀ ଯାବତୀୟ ବିଷୟରୁ ତାକୁ ନିବୃତ୍ତ କରି ରଖୁଥିବା ଏହି ଅତ୍ୟନ୍ତ ନୀରବ କ୍ଷୁଦ୍ର ବସ୍ତୁଟିର ନିର୍ଦ୍ଦେଶ ମାନି ଯାଉଥିବା ବେଳେ ପିଏ ଯେଉଁ ଅନ୍ତର୍ଗତ ସ୍ୱସ୍ତି, ସନ୍ତୋଷ ଏବଂ ଅନେକ ସମୟରେ ଏକ ଗଭୀର ଆନନ୍ଦ ଅନୁଭବ କରିଥାଏ, ଆମେ ତାକୁ ତାହାର ଏକ ଅନୁଭୂତି ଆଣି ଅବଶ୍ୟ ଦେଇପାରିବା । ଏହିଭଳି ଏକ ଅନୁଭବକୁ ଭିତ୍ତି କରିହିଁ ଆମର ସକଳ ଶିକ୍ଷାଦାନ ଦଣ୍ଡାୟମାନ ହୋଇ ରହିବ ।

(୮)···ଏଥିରେ କୌଣସି ସନ୍ଦେହ ନାହିଁ ଯେ ପିଲା ହାତରେ କୌଣସି ଗୋଟିଏ ନୈତିକ ନିୟମକୁ ଆଣି ଧରାଇଦେବାକୁ କଦାପି ଏକ ଆଦର୍ଶ କଥା ବୋଲି କୁହାଯିବ ନାହିଁ । ମାତ୍ର ଏଇଟିକୁ ଏକାବେଳକେ ବାଦ୍ ଦେବା ମଧ୍ୟ ପ୍ରକୃତରେ ବଡ଼ କଷ୍ଟକର । ବୃଦ୍ଧିଲାଭ କରୁଥିବା ସଙ୍ଗେ ସଙ୍ଗେ ପିଲାକୁ ଆମେ ଯାବତୀୟ ସାମାଜିକ ଏବଂ ନୈତିକ ନିୟମର ଆପେକ୍ଷିକତା ବିଷୟରେ ଅବଶ୍ୟ ଶିକ୍ଷା ଦେଇପାରିବା, ଯେପରିକି ସେ ଆପଣା ଭିତରେ ଏକ ଉଚ୍ଚତର ଏବଂ ସତ୍ୟତର ନିୟମ ବା ବିଧାନର ଆବିଷ୍କାର କରିବା ଲାଗି ସମର୍ଥ

ହୋଇପାରିବ । ମାତ୍ର ଏହି କ୍ଷେତ୍ରରେ ଆମକୁ ଅତ୍ୟନ୍ତ ସାବଧାନତାର ସହିତ ଅଗ୍ରସର ହେବାକୁ ପଡ଼ିବ ଏବଂ ସେହି ଯଥାର୍ଥ ବିଧାନଟିର ଆବିଷ୍କାର କରିବାର ବାଟରେ ରହିଥିବା କଷ୍ଟସାଧ୍ୟତାଟି ଉପରେ ସର୍ବଦା ଜୋର୍ ଦେବାକୁ ପଡ଼ିବ । ମଣିଷତିଆରି ନିୟମଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି "ଆପଣାର ଜୀବନଟିକୁ ଆପେ ବଞ୍ଚିବା" ଲାଗି ସେମାନଙ୍କର ଅଧିକାର ଓ ନିଷ୍ପତ୍ତିଟିକୁ ଘୋଷଣା କରୁଥିବା ଅଧିକାଂଶ ବ୍ୟକ୍ତି ସବୁଠାରୁ ଅତ୍ୟନ୍ତ ସାମାନ୍ୟସ୍ତରୀୟ ପ୍ରାଣିକ ପ୍ରବୃତ୍ତିଗୁଡ଼ିକର ବଶବର୍ତ୍ତୀ ହୋଇହିଁ ସେପରି କରିଥାନ୍ତି । ସେହି ପ୍ରବୃତ୍ତିଗୁଡ଼ିକୁ ସେମାନେ ଲୁଚାଇ ରଖିବାକୁ ଚେଷ୍ଟା କରନ୍ତି, ଏବଂ ନିଜ ଆଖିକୁ ନହେଲେ ମଧ୍ୟ ଅନ୍ତତଃ ଅନ୍ୟମାନଙ୍କର ଆଖିକୁ ସେଗୁଡ଼ିକୁ ଉଚିତ ବୋଲି ଦର୍ଶାଇବାକୁ ଉଦ୍ୟମ କରୁଥାନ୍ତି । ସେମାନେ ସବୁ ନୈତିକତାକୁ ଗୋଇଠା ମାରିବାରେ ଲାଗିଥାନ୍ତି, କାରଣ ଆପଣା ମୂଳପ୍ରବୃତ୍ତିଗୁଡ଼ିକର ପରିତୃପ୍ତିରେ ତାହା ଏକ ପ୍ରତିବନ୍ଧକ ପରି ହୋଇ ରହିଥାଏ ।

ଆପେ ସେଗୁଡ଼ିକର ଊର୍ଦ୍ଧ୍ୱକୁ ଯାଇ ନପାରିଥିବା ପର୍ଯ୍ୟନ୍ତ ନୈତିକ ତଥା ସାମାଜିକ ବିଧାନଗୁଡ଼ିକର ବିଚାର କରିବା ଲାଗି କାହାରି ଆଦୌ କୌଣସି ଅଧିକାର ନାହିଁ । ସେଗୁଡ଼ିକ ସ୍ଥାନରେ ପ୍ରକୃଷ୍ଟତର ଆଉକିଛି ଗ୍ରହଣ ନକରିଥିବା ପର୍ଯ୍ୟନ୍ତ କେହି ସେଗୁଡ଼ିକୁ କଦାପି ବର୍ଜନ କରିପାରିବ ନାହିଁ । ମାତ୍ର ସେପରି କରିପାରିବା ଆଦୌ ସହଜ ନୁହେଁ ।

(୯)···ପିଲାଙ୍କ ସମ୍ମୁଖରେ ଜଣେ କଦାପି ନିଜର କ୍ରୋଧକୁ ପ୍ରକାଶ କରିବ ନାହିଁ । କାରଣ ତଦ୍ଦ୍ୱାରା ସେମାନେ ଶିକ୍ଷକଙ୍କ ପ୍ରତି ସେମାନଙ୍କର ରହିଥିବା ସମ୍ମାନଟିକୁ ହରାଇ ବସିବେ ।

(୧୦)···ଆଦେଶ ଦେବା ବା ଲାଭଦେବା ନୁହେଁ, ମାତ୍ର ଇଙ୍ଗିତ ଦେବା ଓ ସାଙ୍ଗରେ ଡାକ ଆଣିବା ହେଉଛି ନୈତିକ ଶିକ୍ଷାର ସର୍ବପ୍ରଥମ ନିୟମ ।

ବ୍ୟକ୍ତିଗତ ଦୃଷ୍ଟାନ୍ତ, ପ୍ରତିଦିନର କଥୋପକଥନ ଏବଂ ଅଧୀତ ପୁସ୍ତକଗୁଡ଼ିକର ମାଧ୍ୟମରେହିଁ ସର୍ବୋତ୍କୃଷ୍ଟ ଇଙ୍ଗିତ ଦେଇପାରିବା ସମ୍ଭବ ହୋଇଥାଏ । ଏହିସବୁ ପୁସ୍ତକରେ ଅଳ୍ପବୟସ୍କ ଛାତ୍ରଟି ଲାଗି ଅତୀତର ମହନୀୟ ଉଦାହରଣ-ଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିଥିବ; ଗୋଟିଏ ଗୋଟିଏ ନୈତିକ ପାଠ୍ୟବିଷୟରୂପେ ନୁହେଁ, ମାତ୍ର ମଣିଷଜୀବନ ପ୍ରତି ସର୍ବୋଚ୍ଚ ଆଗ୍ରହ ରଖିଥିବା ବିଷୟଗୁଡ଼ିକରୂପେ ସେଗୁଡ଼ିକ ସେଠାରେ ରହିଥିବ । ଏବଂ ଅପେକ୍ଷାକୃତ ଅଧିକ ବୟସର ଛାତ୍ରମାନଙ୍କ ଲାଗି ସେଥିରେ ମହାନ୍ ବ୍ୟକ୍ତିମାନଙ୍କର ମହାନ୍ ବିଚାରମାନ ରହିଥିବ, ସାହିତ୍ୟର ନାନା ଉଦ୍ଧୃତାଂଶ ରହିଥିବ, ଯେଉଁଗୁଡ଼ିକ କି ସେମାନଙ୍କର ଉଚ୍ଚତମ ସଂବେଗଗୁଡ଼ିକରେ ଅଗ୍ନି ସଂଯୋଗ କରିଦେଇ ପାରିବ, ସେମାନଙ୍କ ଭିତରେ ଉଚ୍ଚତମ ଆଦର୍ଶ ଏବଂ ଆକାଙ୍‌କ୍ଷାଗୁଡ଼ିକୁ ଉଦ୍ରେକ କରି ଆଣିବ । ସେଗୁଡ଼ିକରେ ଇତିହାସ ଓ ଜୀବନଚରିତର ବିବରଣୀଗୁଡ଼ିକ ଲିପିବଦ୍ଧ ହୋଇ ରହିଥିବ, ଯାହାକି ସେହି ମହାନ୍ ବିଚାର, ଭବ୍ୟ ଭାବାବେଗ ଏବଂ ଆକାଙ୍‌କ୍ଷାମୟ ଆଦର୍ଶଗୁଡ଼ିକୁ ଜୀବନରେ ବଞ୍ଚିବାର ଦୃଷ୍ଟାନ୍ତଗୁଡ଼ିକୁ ପ୍ରକଟ କରିଦେଇ ପାରୁଥିବ । ଏହାକୁ ଆମେ ଏକ ପ୍ରକାରର ସତ୍‌ସଙ୍ଗ ବୋଲି କହିପାରିବା ଯାହାକି, ବାକ୍ୟାଡମ୍ବରମୟ ଉପଦେଶ ଦେବାରୁ ନିବୃତ୍ତ ହୋଇ ରହିଥିବା ପର୍ଯ୍ୟନ୍ତ, କ୍ୱଚିତ୍ ନିଷ୍ଫଳ ବୋଲି ପ୍ରତିପାଦିତ ହୋଇପାରିବ । ଏବଂ, ଶିକ୍ଷକ ଛାତ୍ରମାନଙ୍କ ଆଗରେ ଯେଉଁସବୁ ମହାନ୍ ବିଷୟର ଉପସ୍ଥାପନା କରୁଛି, ତା'ର ବ୍ୟକ୍ତିଗତ ଜୀବନଟି ଯଦି ସେହିଗୁଡ଼ିକର ଛାଞ୍ଚରେ ନିଜକୁ ଗଢ଼ିବାର ଚେଷ୍ଟା କରୁଥାଏ, ତେବେ ତାହାହିଁ ସବୁଠାରୁ ଅଧିକ ପରିମାଣରେ ଫଳଦାୟକ ହୋଇପାରିବ । ଅବଶ୍ୟ ଏକଥା ସତ ଯେ ତା'ର ଆପଣାର ସୀମାବଦ୍ଧ ପରିସରଟି ଭିତରେ ତା'ର ଆପଣା ଜୀବନରେ ଉତ୍ଥିତ ହୋଇ ଆସୁଥିବା ନୈତିକ ଆବେଗଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଲାଗି ପିଲାର ତରୁଣ ଜୀବନଟିକୁ ଏକ ସୁଯୋଗ ଦେଇ ନପାରୁଥିବା ପର୍ଯ୍ୟନ୍ତ ତାହା ପୂର୍ଣ୍ଣ ଶକ୍ତିରେ ଆଦୌ କାର୍ଯ୍ୟ କରିପାରିବ ନାହିଁ ।...

(୧୧)···ତା'ର ପିଲା ବୟସରୁ ପିଲାକୁ ଆଉ ଗୋଟିଏ କଥା ବି ଶିଖାଇବାକୁ ପଡ଼ିବ । ସେଇଟି ହେଉଛି ପରିଷ୍କାର-ପରିଚ୍ଛନ୍ନତା ଏବଂ ସୁସ୍ଥ ଅଭ୍ୟାସଗୁଡ଼ିକ ଲାଗି ଏକ ରୁଚି । ମାତ୍ର ପିଲା ଭିତରେ ପରିଷ୍କାର-ପରିଚ୍ଛନ୍ନତା ଲାଗି ଏହି ରୁଚି ଏବଂ ସ୍ୱାସ୍ଥ୍ୟରକ୍ଷାର ନିୟମଗୁଡ଼ିକ ଲାଗି ଏହି ଶ୍ରଦ୍ଧା ରହୁ ବୋଲି ଯଦି ତୁମେ ପ୍ରକୃତରେ ଇଚ୍ଛା କରୁଥାଅ, ତେବେ ତା' ଭିତରେ ପୀଡ଼ିତ ହୋଇ ପଡ଼ିବାର କୌଣସି ଭୟ ଆଣି ପୂରାଇ ନଦେବାକୁ ତୁମକୁ ସର୍ବଦା ଅତ୍ୟନ୍ତ ସାବଧାନ ହୋଇ ରହିବାକୁ ପଡ଼ିବ । ଭୟକୁ ଶିକ୍ଷାର ଏକ ସବୁଠାରୁ ଅଧିକ ଖରାପ ପ୍ରେରକ ବୋଲି କୁହାଯାଇ ପାରିବ ଏବଂ ସେହି ଭୟର ସାହାଯ୍ୟରେହିଁ ଯାହାକୁ ଆମେ ଭୟ କରୁଛୁ, ତାହାକୁ ଡାକି ଆଣିବାର ସବୁଠାରୁ ଅଧିକ ନିଶ୍ଚିତ ପନ୍ଥା ବୋଲି ମଧ୍ୟ କୁହାଯାଇ ପାରିବ ।

(୧୨)···ସାନପିଲାଙ୍କ ପାଖରେ ରହିଲେ ଅନେକ ଧୈର୍ଯ୍ୟଶୀଳ ହେବାର ଶକ୍ତିଟି ମଧ୍ୟ ଅବଶ୍ୟ ରହିଥିବ ଏବଂ ସେହି ଗୋଟିଏ କଥାକୁ ସେମାନଙ୍କ ପାଖରେ ବାରବାର ଆସି ପହଞ୍ଚିବାକୁ ପଡ଼ିବ । ବିବିଧ ପ୍ରକାରେ ସେମାନଙ୍କୁ ସେହି ଗୋଟିଏ କଥାକୁ ବାରବାର ବୁଝାଇବାକୁ ପଡ଼ିବ । କେବଳ ଅତ୍ୟନ୍ତ ମନ୍ଥର ଗତିରେହିଁ ତାହା ସେମାନଙ୍କର ମନ ଭିତରେ ଆସି ପ୍ରବେଶ କରିପାରିବ ।···

(୧୩)···ମୁଁ ଯେପରି ଦେଖିଛି ଏବଂ ଜାଣିଛି, ସାଧାରଣ ଭାବରେ ସେହି ଅଭିଜ୍ଞତାଟି ଉପରେ କହିବି ଯେ ଚଉଦ ବର୍ଷ ପୂରିଗଲା ପରେ ପିଲାମାନଙ୍କୁ ସ୍ୱାଧୀନ ଭାବରେ ଛାଡ଼ି ଦିଆଯିବାହିଁ ଉଚିତ ହେବ; ଏବଂ ସେମାନେ ଯେତେବେଳେ ଆମର ପରାମର୍ଶ ମାଗିବାକୁ ଆସୁଥିବେ, କେବଳ ସେତିକି ବ୍ୟତୀତ ସେମାନଙ୍କୁ ଆଉ କୌଣସି ପରାମର୍ଶ ବା ଉପଦେଶ ଆଦୌ ଦିଆଯିବ ନାହିଁ ।

···ସେମାନଙ୍କର ଆପଣା ଜୀବନର ଆଚରଣଟି ଲାଗି ସେମାନେ ଯେ ନିଜେ ଦାୟୀ, ସେମାନଙ୍କୁ ଏହି କଥାଟି ଜାଣି ରଖିବାକୁ ପଡ଼ିବ ।

# ଛାତ୍ରର ମନୋଭୂମି

(୧)···ପ୍ରତ୍ୟେକ ପିଲା ହେଉଛି ସରସ ଆଗ୍ରହୋଦ୍ଦୀପକ କାହାଣୀର ଜଣେ ପ୍ରେମିକ, ବୀରର ଉପାସକ ଓ ଜଣେ ଦେଶଭକ୍ତ । ତାହାର ଭିତରେ ଥିବା ଏହିସବୁ ଗୁଣଗୁଡ଼ିକୁ ଆବେଦନ କରିବା ଦ୍ୱାରା ଓ ସେହିଗୁଡ଼ିକୁ ମାଧ୍ୟମରୂପେ ବ୍ୟବହାର କରିବା ଦ୍ୱାରା ସେ ଅଜାଣତରେ ତା' ଜାତୀୟ ଇତିହାସର ଜୀବନ୍ତ ତଥା ମାନବିକ ଅଂଶଗୁଡ଼ିକୁ ବଡ଼ ଚମତ୍କାର ଭାବରେ ଆତ୍ମସ୍ଥ କରି ନେଇଥାଏ । ପ୍ରତ୍ୟେକ ପିଲା ହେଉଛି ଜଣେ ଅନୁସନ୍ଧାନକାରୀ, ଜଣେ ଅନ୍ୱେଷକ, ଜଣେ ବିଶ୍ଳେଷକ ଏବଂ ଜଣେ ନିର୍ମମ ଶରୀରଶାସ୍ତ୍ରୀ । ଆମେ ତା' ଭିତରେ ରହିଥିବା ଏହି ଗୁଣଗୁଡ଼ିକୁ ଆବେଦନ କରିପାରିବା ଲାଗି ସମର୍ଥ ହେବା ଏବଂ ତଦ୍ଦ୍ୱାରା ଆମେ ତା'ର ଅଜାଣତରେ ମଧ୍ୟ ଜଣେ 'ବୈଜ୍ଞାନିକର ଯଥାର୍ଥ ମନୋଦୃଷ୍ଟିଟିକୁ ଏବଂ ଆବଶ୍ୟକ ମୌଳିକ ଜ୍ଞାନକୁ ଅର୍ଜନ କରିବାରେ ତାକୁ ସାହାଯ୍ୟ କରିପାରିବା । ପ୍ରତ୍ୟେକ ପିଲା ମଧ୍ୟରେ ଏକ ଅତର୍ପଣୀୟ ବୌଦ୍ଧିକ ଜିଜ୍ଞାସା ଅବସ୍ଥିତ ରହିଛି ଏବଂ ତାତ୍ତ୍ୱିକ ଜିଜ୍ଞାସା ଲାଗି ମଧ୍ୟ ଏକ ଆଗ୍ରହ ରହିଛି । ସିଏ ଯେପରି କ୍ରମେ ଏହି ପୃଥିବୀକୁ ଓ ତା' ନିଜକୁ ବୁଝିବା ଲାଗି ସମର୍ଥ ହେବ, ଆମେ ସେଥିଲାଗି ତା'ର ଏହି ଗୁଣଟିକୁ କାମରେ ଲଗାଇବା । ପ୍ରତ୍ୟେକ ପିଲାର ଏକ ଜନ୍ମଦତ୍ତ ଅନୁକରଣଶକ୍ତି ରହିଛି ଏବଂ କଳ୍ପନାଶକ୍ତିର ମଧ୍ୟ ଏକ ସ୍ପର୍ଶ ତା' ଦେହରେ ନିଶ୍ଚୟ ବାଜିଛି । ତା' ଭିତରେ ଜଣେ କଳାବିତ୍‌ର ସାମର୍ଥ୍ୟଟି ଲାଗି ଏକ ଭୂମି ଯୋଗାଇ ଦେବା ସକାଶେ ଆମେ ତା'ର ଏହି ଗୁଣଟିକୁ ମଧ୍ୟ ବ୍ୟବହାର କରିବା ।

(୨)···ଅନେକ ତରୁଣଙ୍କର ସ୍ୱଭାବରେ ଯେଉଁ ଭ୍ରାମ୍ୟମାଣତା ଏବଂ ଦୁଃସାହସିକତାର ଭାବ ଦେଖା ଯାଇଥାଏ, ଆମେ ସେଗୁଡ଼ିକୁ ଏକ ଉଦ୍‌ବୃତ୍ତ ଶକ୍ତି, ଉଦ୍‌ବୃତ୍ତ ମହାନତା ଓ ଉଦ୍‌ବୃତ୍ତ ଉଦାରଭାବରହିଁ ଉତ୍ପ୍ଲାବନ ବୋଲି ଜାଣିବା । ସେହି ପ୍ରବୃତ୍ତିଗୁଡ଼ିକୁ ଆମେ ପରିଶୁଦ୍ଧ କରିବାକୁ ଚେଷ୍ଟା କରିବା, କଦାପି ନିରୁତ୍ସାହିତ କରି ରଖିବା ନାହିଁ ।···

(୩)···ଜଣେ ଆଦର୍ଶ ପିଲା ହେଉଛି ଜଣେ ଉତ୍ତମ ସ୍ୱଭାବର ପିଲା : ପରିସ୍ଥିତିର ବିବିଧ ବିପର୍ଯ୍ୟୟମାନ ତା' ବିରୁଦ୍ଧରେ ଯାଉଥିଲା ବେଳେ କିମ୍ବା ନିଷ୍ପତ୍ତିଗୁଡ଼ାକ ତା'ର ଅନୁକୂଳ ହୋଇ ନପାରୁଥିବା ବେଳେ ସିଏ କେବେହେଲେ କ୍ରୋଧାନ୍ୱିତ ହୋଇପଡ଼େ ନାହିଁ ।

(୪)···ଜଣେ ଆଦର୍ଶ ପିଲା ସର୍ବଦା ଉତ୍ସାହରେ ଭରି ରହିଥାଏ : ସିଏ ଯାହାକିଛି କରେ, ଆପଣାର ପରିପୂର୍ଣ୍ଣ ସାମର୍ଥ୍ୟ ଅନୁସାରେ ତାହା କରେ ଏବଂ ବିଫଳ ହୋଇଯିବ ବୋଲି ପ୍ରାୟ ସୁନିଶ୍ଚିତ ହୋଇ ଦେଖା ଯାଉଥିଲେ ମଧ୍ୟ ସେ ତାହା କରିବାରେ ଲାଗିଥାଏ । ସିଏ ସର୍ବଦା ସିଧା ସିଧା ଭାବେ ଓ ସିଧା ସିଧା କାର୍ଯ୍ୟ କରେ ।

(୫)···ଜଣେ ଆଦର୍ଶ ପିଲା ହେଉଛି ଜଣେ ସତ୍ୟନିଷ୍ଠ ପିଲା : ପରିଣାମ ଯାହାକିଛି ହେଉ ପଛକେ, ସିଏ କେବେହେଲେ ସତ୍ୟ କହିବାକୁ ଭୟ କରେ ନାହିଁ ।···

(୬)···ଜଣେ ଆଦର୍ଶ ପିଲାର ସବୁଥିକୁ ଧୈର୍ଯ୍ୟ ରହିଥାଏ : ତା'ର ପ୍ରୟାସର ପ୍ରାପ୍ତ ଫଳଗୁଡ଼ିକୁ ଦେଖିବା ଲାଗି ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଲେ ମଧ୍ୟ ସେ କଦାପି ନିରୁତ୍ସାହିତ ହୋଇପଡ଼େ ନାହିଁ ।···

(୭)···ଜଣେ ଆଦର୍ଶ ପିଲା ଅତ୍ୟନ୍ତ ସହିଷ୍ଣୁ : କୌଣସିପ୍ରକାର ଅଭିଯୋଗ ନକରି ସେ ଅନିବାର୍ଯ୍ୟ ଅସୁବିଧା ଓ କଷ୍ଟଗୁଡ଼ିକର ସମ୍ମୁଖୀନ ହୁଏ ।···

(୮)···ଜଣେ ଆଦର୍ଶ ପିଲା ହେଉଛି ଅଧ୍ୟବସାୟୀ ପିଲା : ଯେତେ ଅଧିକ କାଳ ପର୍ଯ୍ୟନ୍ତ ଚେଷ୍ଟା କରିବାକୁ ପଡ଼ିଲେ ମଧ୍ୟ ସିଏ ସେଇଟିକୁ କଦାପି ଶିଥିଳ କରିଦିଏ ନାହିଁ ।···

(୯)···ଜଣେ ଆଦର୍ଶ ପିଲା ସର୍ବଦା ସମତାଯୁକ୍ତ ହୋଇ ରହିଥାଏ : ସଫଳତା ବା ବିଫଳତା ଦୁଇଟିଯାକ ଅବସ୍ଥାରେ ସେ ଆପଣାର ସମତାଟିକୁ ରକ୍ଷା କରିପାରେ ।···

(୧୦)···ଜଣେ ଆଦଶ ପିଲା ଜଣେ ସାହସୀ ପିଲା : ଅନେକ ଥର ପାଇଁ ପରାଜୟର ସମ୍ମୁଖୀନ ହେଲେ ମଧ୍ୟ ସେ ସର୍ବଶେଷ ବିଜୟ ଲାଗି ସଂଗ୍ରାମ କରିବାରେ ଲାଗିଥାଏ ।···

(୧୧)···ଜଣେ ଆଦର୍ଶ ପିଲା ସଦାପ୍ରସନ୍ନ ହୋଇ ରହିଥାଏ : ସିଏ ଯେକୌଣସି ପରିସ୍ଥିତିରେ ମଧ୍ୟ ହସି ପାରିବାକୁ ଏବଂ ହୃଦୟକୁ ପ୍ରସନ୍ନ ରଖିବାକୁ ଜାଣିଥାଏ ।···

(୧୨)···ଜଣେ ଆଦର୍ଶ ପିଲା ବିନୟ ଜାଣେ : ଆପଣାର ସଫଳତାରେ ସିଏ କଦାପି ଗର୍ବୀ ହୋଇପଡ଼େ ନାହିଁ ବା ଆପଣାର ସାଥୀ-ମାନଙ୍କଠାରୁ ଆପଣାକୁ କଦାପି ଅଧିକ ବରିଷ୍ଠ ବୋଲି ଅନୁଭବ କରେ ନାହିଁ ।···

(୧୩)···ଜଣେ ଆଦର୍ଶ ପିଲା ହେଉଛି ଜଣେ ଉଦାରମନା ପିଲା : ସିଏ ଅନ୍ୟମାନଙ୍କର ଗୁଣ ଦେଖିଲେ ସେଗୁଡ଼ିକୁ ପ୍ରଶଂସା କରି ଜାଣେ ଏବଂ ସର୍ବଦା ଆଉଜଣକୁ ତା'ର କାର୍ଯ୍ୟରେ ସଫଳତା ହାସଲ କରିବା ଲାଗି ସାହାଯ୍ୟ କରିବା ସକାଶେ ପ୍ରସ୍ତୁତ ହୋଇ ରହିଥାଏ ।···